# 1994 ର ଓଡ଼ିଶା ଅଧିନିୟମ 24

## ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଗତ ସେବା (ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1994

[ତା 1 ଡିସେମ୍ବର 1994 ରେ ରାଜ୍ୟପାଳଙ୍କ ସମ୍ମତିପ୍ରାପ୍ତ, ତା 8 ଡିସେମ୍ବର, 1994ରେ ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂସ୍କରଣରେ ପ୍ରଥମେ ପ୍ରକାଶିତ]

ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧୀନରେ କେତେକ ବୀମା ଚିକିତ୍ସାଗତ ଅଧିକାରୀମାନଙ୍କ ନିଯୁକ୍ତିକୁ ବିଧିମାନ୍ୟ କରିବା ସକାଶେ ଏକ ଅଧିନିୟମ ।

ଭାରତ ଗଣରାଜ୍ୟର ପଞ୍ଚଚାଳିଶିତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମ ହେଉ :-

ସଂକ୍ଷିପ୍ତ ନାମ . 1. ଏହି ଅଧିନିୟମଟି ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଗତ ସେବା (ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1994 ନାମରେ ଅଭିହିତ ହେବ ।

ସଂଜ୍ଞା . 2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ ଏହି ଅଧିନିୟମରେ –

(କ) "ସରକାର" ଅର୍ଥ ଓଡ଼ିଶା ସରକାର;

(ଖ) "ନିଯୁକ୍ତି ସଂଗ୍ରହ ନିୟମାବଳୀ" ଅର୍ଥ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଗତ ସେବା (ନିଯୁକ୍ତି ସଂଗ୍ରହ) ନିୟମାବଳୀ, 1970;

(ଗ) "ସେବା" ଅର୍ଥ କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧୀନରେ ଥିବା ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଗତ ସେବା;

(ଘ) "ବର୍ଷ" ଅର୍ଥ ପଞ୍ଜି ବର୍ଷ ।

ବିଧିମାନ୍ୟକରଣ . 3.(1) ନିଯୁକ୍ତି ସଂଗ୍ରହ ନିୟମାବଳୀରେ ଯାହାକିଛି ଥିବା ସତ୍ତ୍ୱେ, ଜଣେ ଦନ୍ତ ଚିକିତ୍ସକଙ୍କ ସମେତ ତେର ଜଣ ଚିକିତ୍ସା ଅଧିକାରୀ, ଯେଉଁମାନେ 1983 ମସିହା ଠାରୁ 1988 ମସିହା ମଧ୍ୟରେ ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଓଡ଼ିଶା ଲୋକସେବା ଆୟୋଗଙ୍କ ସୁପାରିଶ ବିନା ଆଡ୍-ହକ୍ ଭିତ୍ତିରେ ନିଯୁକ୍ତି ପାଇଥିଲେ ଓ ସେପରି

କାର୍ଯ୍ୟରତ ଅଛନ୍ତି, ସେମାନେ ଏହି ଅଧିନିୟମର ପ୍ରାରମ୍ଭ ତାରିଖ ଠାରୁ ପ୍ରଭାବୀ ହୋଇ ସେବାର ଦ୍ୱିତୀୟ ଶ୍ରେଣୀ ବର୍ଗରେ ବିଧିମାନ୍ୟଭାବେ ଓ ନିୟମିତ ରୂପେ ନିଯୁକ୍ତି ପାଇଛନ୍ତି ବୋଲି ବିବେଚିତ ହେବେ ଏବଂ ତଦନୁସାରେ ସେପରି କୌଣସି ନିଯୁକ୍ତି, ନିଯୁକ୍ତି ନିୟମାବଳୀରେ ଉଲ୍ଲିଖିତ ପ୍ରକ୍ରିୟା ଅନୁସାରେ ନ ହୋଇ ଅନ୍ୟଥା କରାଯାଇଥିଲା ବୋଲି କେବଳ ମାତ୍ର କାରଣରୁ କୌଣସି ନ୍ୟାୟାଳୟରେ ଆପତ୍ତି କରାଯିବ ନାହିଁ।

(2) ଉପ-ଧାରା(2) ଅନୁଯାୟୀ ଯେଉଁ ବୀମା ଚିକିତ୍ସାଗତ ଅଧିକାରୀମାନଙ୍କ ନିଯୁକ୍ତିକୁ ବିଧିମାନ୍ୟ କରାଗଲା, ସେମାନଙ୍କ ପାରିସ୍ପରିକ ବରିଷ୍ଠତା, ସେମାନେ ଏହି ଅଧିନିୟମ ପ୍ରାରମ୍ଭ ପୂର୍ବରୁ ଆଡ୍-ହକ୍ ଭିତ୍ତିରେ କରିଥିବା ସେମାନଙ୍କ ସମୁଦାୟ ସେବାର ଦୀର୍ଘତା (କୌଣସି ବିରତି ନଥାଇ)କୁ ଆଧାର କରି ଅବଧାରଣ କରାଯିବ ଏବଂ ଏହି ଅଧିନିୟମ ପ୍ରାରମ୍ଭ ପୂର୍ବରୁ ନିଯୁକ୍ତି ସଂଗ୍ରହ ନିୟମାବଳୀ ଅନୁସାରେ ଯେଉଁମାନେ ବୀମା ଚିକିତ୍ସାଗତ ଅଧିକାରୀ ଭାବେ ସେବାର ଦ୍ୱିତୀୟ ଶ୍ରେଣୀ ବର୍ଗରେ ନିଯୁକ୍ତି ପାଇଥିବେ, ସେମାନଙ୍କ ଠାରୁ ସମୂହ ଭାବେ କନିଷ୍ଠତର ହେବେ।

(3) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଆଡ୍-ହକ୍ ଭିତ୍ତିରେ ଉକ୍ତ ତେର ଜଣ ବୀମା ଚିକିତ୍ସାଗତ ଅଧିକାରୀମାନଙ୍କ ଦ୍ୱାରା କରାଯାଇଥିବା ସେବା, ଉପ-ଧାରା(2)ର ବ୍ୟବସ୍ଥାଗୁଡିକ ପ୍ରତି ସାପେକ୍ଷ ହୋଇ, ସମସ୍ତ ଉଦ୍ଦେଶ୍ୟରେ ଗଣନା କରାଯିବ।